ସର୍ବୁଦ୍ଦିନ୍ ଏବଂ ଅନ୍ୟଜଣେ

ବନାମ

କେରଳ ରାଜ୍ୟ ଏବଂ ଅନ୍ୟଜଣେ

ଜାନୁଆରୀ 23,1995

[କେ. ରାମାସ୍ୱାମୀ ଏବଂ ବି. ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ ]

*ଭୂମି ସଂସ୍କାର ଅଧିନିୟମ- ସ୍ୱାମୀ ଏବଂ ସ୍ତ୍ରୀଙ୍କ ଦ୍ୱାରା ମିଳିତ ଭାବେ ଦାବି କରିଥିବା ବିବୃତି- କେବଳ ସ୍ୱାମୀଙ୍କୁ କ୍ଷତିପୂରଣ ଦିଆଯାଇଥିଲା- ସମ୍ପୃକ୍ତ ଅଧିକୃତ ଜମି ପାଇଁ ମିଳିତ ଦାବି- ସ୍ତ୍ରୀଙ୍କୁ ମଧ୍ୟ କ୍ଷତିପୂରଣ ପ୍ରଦାନ କରିବାକୁ ପଡିବ ।*

**ଭୂମି ସଂସ୍କାର ଅଧିନିୟମ ଅନୁଯାୟୀ ସ୍ୱାମୀ ଏବଂ ସ୍ତ୍ରୀଙ୍କ ଜମିକୁ ଦଖଲ କରାଯାଇଥିଲା । ସେମାନେ ମିଳିତ ଭାବରେ ସେମାନଙ୍କର ଦାବିପତ୍ର ଦାଖଲ କରିଥିଲେ । କେବଳ ସ୍ୱାମୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଥିଲା । ସ୍ତ୍ରୀ ଆବେଦନ କରିଥିଲେ । ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ଖାରଜ କରି କହିଛନ୍ତି ଯେ ସ୍ତ୍ରୀଙ୍କ ଦ୍ୱାରା କୌଣସି ପୃଥକ ଦାବି କରାଯାଇନଥିଲା ।**

**ନ୍ୟାୟାଳୟ ଆବେଦନକୁ ଅନୁମତି ଦେଇ,**

**ନିର୍ଣ୍ଣୟ ହେଲା : ସ୍ତ୍ରୀ ଏବଂ ସ୍ୱାମୀ ଏହି ଦାବିକୁ ମିଳିତ ଭାବେ କରିଥିଲେ । ସେମାନେ ଉଭୟ ନିଜ ନିଜ ଜମି ସମ୍ବନ୍ଧରେ ଦାବି କରିଥିଲେ । ରାଜ୍ୟ ସ୍ତ୍ରୀ ଦ୍ୱାରା ଧାରଣ କରାଯାଇଥିବା ଜମି ପାଇଁ ତାଙ୍କୁ ଦେୟ କ୍ଷତିପୂରଣ ଗଣନା କରିବେ ଏବଂ ପ୍ରଦାନ କରିବେ । [534- C]**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 1017/1995 ।

L.A.A. ସଂଖ୍ୟା 266/1970ରେ କେରଳ ଉଚ୍ଚ ନ୍ୟାୟାଳୟର 16.7.84 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ଇ. ଏମ୍. ଏସ୍. ଆନମ୍ ।

ଉତ୍ତରଦାତାମାନଙ୍କ ପକ୍ଷରୁ ଏମ୍. ଟି. ଜର୍ଜ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଭୂମି ସଂସ୍କାର ଅଧିନିୟମ ଅନୁଯାୟୀ ସ୍ୱାମୀ ଏବଂ ସ୍ତ୍ରୀଙ୍କ ଜମିକୁ ଦଖଲ କରାଯାଇଥିବାରୁ ସେମାନଙ୍କୁ ଯଥାକ୍ରମେ ଦାବି କରିବା ପାଇଁ ନୋଟିସ ଜାରି କରାଯାଇଥିଲା । ଏହି ନ୍ୟାୟାଳୟରେ ଦାଖଲ ହୋଇଥିବା ବିବୃତିରେ ଦର୍ଶାଯାଇଥିବା ପରି ସେମାନେ ମିଳିତ ଭାବରେ ସେମାନଙ୍କର ଦାବି ବିବୃତିକୁ ଦାଖଲ କରିଥିଲେ । ଏହି ବିଷୟକୁ ଦୃଷ୍ଟିରେ ରଖି, ନ୍ୟାୟାଧିକରଣ ଉଭୟ ଦାବିଦାରଙ୍କୁ ଯଥାକ୍ରମେ ସ୍ୱାମୀ ଏବଂ ସ୍ତ୍ରୀଙ୍କ ଦ୍ୱାରା ଧାରଣ କରାଯାଇଥିବା ଜମି ପାଇଁ କ୍ଷତିପୂରଣ ପ୍ରଦାନ କରିବା ଉଚିତ୍ ଥିଲା । ଯେହେତୁ ସ୍ୱାମୀଙ୍କୁ କ୍ଷତିପୂରଣ ପ୍ରଦାନ କରିବା ସମୟରେ ପତ୍ନୀଙ୍କୁ ପୃଥକ ଭାବରେ ପ୍ରଦାନ କରାଯାଇନଥିଲା, ସେତେବେଳେ  ଆବେଦନଟି ଦାଖଲ କରାଯାଇଥିଲା, କେରଳ ଉଚ୍ଚ ନ୍ୟାୟାଳୟ  LAA ସଂଖ୍ୟା 266/78ରେ ଜୁଲାଇ 6,1984 ର ଆକ୍ଷେପିତ ଆଦେଶରେ ଏହି ଆବେଦନକୁ ଖାରଜ କରି ଦେଇଥିଲେ ଏହି ଆଧାରରେ ଯେ ପତ୍ନୀଙ୍କ ଦ୍ୱାରା କୌଣସି ପୃଥକ ଦାବି କରାଯାଇନଥିଲା । ଉଚ୍ଚ ନ୍ୟାୟାଳୟ ଏହି ଉପସଂହାର ପହଞ୍ଚିବାରେ ଭୁଲ୍ କରିଥିଲେ ଯେ ଏହି ଦାବି ପତ୍ନୀଙ୍କ ଦ୍ୱାରା  କରାଯାଇନଥିଲା । ସେ ଏବଂ ତାଙ୍କ ସ୍ୱାମୀ ମିଳିତ ଭାବେ ଦାବି କରିଥିଲେ ଏବଂ ତେଣୁ ଏହା ହେବ ଯେ ସେମାନେ ଉଭୟ ନିଜ ନିଜ ଜମି ସମ୍ବନ୍ଧରେ ଦାବି କରିଥିଲେ । ଏଭଳି ସ୍ଥିତିରେ, ରାଜ୍ୟ ସରକାର ସେମାନଙ୍କ ଅଧୀନରେ ଥିବା ଜମି ପାଇଁ କ୍ଷତିପୂରଣ ପ୍ରଦାନ କରିବା ଉଚିତ ଥିଲା ।

ତଦନୁସାରେ ଆବେଦନକୁ ଅନୁମତି ଦିଆଯାଇଛି । କ୍ଷମତାପନ୍ନ କର୍ତ୍ତୃପକ୍ଷଙ୍କୁ ସ୍ତ୍ରୀଙ୍କ ଦ୍ୱାରା ଧାରଣ କରାଯାଇଥିବା ଜମି ସମ୍ବନ୍ଧରେ ତାଙ୍କୁ ପ୍ରଦାନ କରାଯିବାକୁ ଥିବା କ୍ଷତିପୂରଣ ଗଣନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଏ. ଜି. ଆବେଦନକୁ ଅନୁମତି ଦିଆଗଲା ।

## <u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ ,ଅନୁବାଦିକା,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।